### କାନ୍ଥରେ ପିଟିହେଲା କାର୍

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ସହର ଜେଲ ପୋଖରୀ ରୋଡ୍‌ରେ ସୋମବାର ରାତି ପ୍ରାୟ ସାଢେ ୯ଟାରେ ଏକ କାର୍ (ନଂ. ଓଡି୦୨ଡିଏଲ୍ ୪୪୫୫) କାନ୍ଥରେ ପିଟି ହୋଇଛି। ଏହି ଦୁର୍ଘଟଣାରେ କାର୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସଦର ଥାନା ମହାପଦାରୁ କିଛି ଲୋକଙ୍କୁ ରାସୋଲ ଛାଡିବାକୁ ଯାଇ ସେଠାରୁ କାରଟି ଢେଙ୍କାନାଳ ଫେରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ଜିଲାରୁ ପଞ୍ଚାୟତଯାଏ ହେଲା ଜନଶୁଣାଣି



ଅନୁଗୋଳ (ଅମିତ କୁମାର ସାମଲ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ) ଛେଣ୍ଡିପଦା,୧୨।୨ (ଅଜିତ ଧଳ)

ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ଅଧ୍ୟକ୍ଷତାରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ଏହି ଶିବିରରେ ସମୁଦାୟ ୧୨୯ ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ୭ଟିର ଫଇସଲା କରାଯାଇଥିଲା। ରେଡକ୍ରସରୁ ୩ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାନନ୍ଦ ମାହାନ୍ତି, ତହସିଲଦାର ଶ୍ୟାମସୁନ୍ଦର ସାହୁ, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଏସ୍‌ଡିପିଓ ବାଳକୃଷ୍ଣ କଅଁର, ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ, ବିଡିଓ ସୌଭାଗ୍ୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୫ ଅଭିଯୋଗ ଗ୍ରହଣ କରାଯାଇଥିଲା। ଉପ ଜିଲାପାଳ ବରଣ୍ୟେନ୍ଦୁ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ୬ଟି ବ୍ଲକର ପଞ୍ଚାୟତସ୍ତରରେ ଜନଶୁଣାଣି କାର୍ଯ୍ୟକ୍ରମ କରାଯାଇଥିଲା। ଅନୁଗୋଳ ବ୍ଲକର କୁମୁରୁସିଂହା ପଞ୍ଚାୟତ, ତାଳଚେର ବ୍ଲକର କଣ୍ଡାଳ, ବଅଁରପାଳ ବ୍ଲକର ଗଡ଼ସନ୍ତ୍ରୀ, ଛେଣ୍ଡିପଦା ବ୍ଲକର କତଡ଼ା, କିଶୋରନଗର ବ୍ଲକର ଆମ୍ବପାଳ ଓ ପାଲଲହଡ଼ାର ନଗିରା ପଞ୍ଚାୟତଠାରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ ଅଭିଯୋଗ ଶୁଣାଣିରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଓ ପଞ୍ଚାୟତସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଛେଣ୍ଡିପଦା ବ୍ଲକ କାତଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ତ୍ରିବିକ୍ରମ କୁମୁରାଙ୍କ ଅଧ୍ୟକ୍ଷତାରେ ଶିବିରରେ ତହସିଲଦାର ମାନସ ରାୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ, ସରପଞ୍ଚ କଳ୍ପନା ପ୍ରଧାନ ପ୍ରମୁଖ ଯୋଗଦେଇ ୨୫୪ଟି ଅଭିଯୋଗର ଶୁଣାଣି କରିଥିଲେ।

## ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଅନୁଗୋଳ,୧୨।୨(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଅଁରପାଳ ଥାନା ୧୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ଏକ ଟ୍ରକ୍ ଧକ୍କାରେ ସ୍କୁଟିରେ ଯାଉଥିବା ଦେବଗଡ଼ ଜିଲା କୁଣ୍ଢେଇଗୋଳାର ସୁନିତା ସାହୁ (୩୦)ଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଗଡ଼ସନ୍ତ୍ରୀରେ ରହୁଥିବା ସୁନୀତା ବଳରାମପ୍ରସାଦସ୍ଥିତ ଇଏସ୍‌ଆଇ ହସ୍ପିଟାଲକୁ ସ୍କୁଟି (ନଂ. ଓଡି୩୫-୩୮୩୦)ରେ ଯାଉଥିଲେ। ଏହି ସମୟରେ ଏକ ଟ୍ରକ୍ (ନଂ. ଓଆର୧୯ଜି-୪୫୮୮) ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ସୁନିତାଙ୍କ ମୃତ୍ୟୁ ହୋଇଥିଲା। ଜାତୀୟ ରାଜପଥର ଦୁରବସ୍ଥା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହାକୁ ନେଇ ସାମାନ୍ୟ ଉତ୍ତେଜନା ଦେଖା ଦେଇଥିଲା। ଖବରପାଇ ସ୍ଥାନୀୟ ତହସିଲଦାର ଓ ବଅଁରପାଳ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଚାଳକଙ୍କୁ ପୋଲିସ ଅଟକ ରଖିଥିବାବେଳେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

## ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଯାତ୍ରା

ତାଳଚେର,୧୨।୨ (ମନୋଜ ନନ୍ଦ)

ତାଳଚେରସ୍ଥିତ ଦେଉଳବେଢ଼ା କୋଲିୟରୀ ଶନି ମନ୍ଦିରର ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଳଚେରର ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇ ବ୍ରାହ୍ମଣୀ ନଦୀରୁ ଜଳ ଆଣି ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ମନ୍ଦିର କମିଟି ସଭାପତି ପ୍ରକାଶ ସାହୁ, ସମ୍ପାଦକ ଅମର ସାହୁ, ପ୍ରମୋଦ ସାହୁ, ମନୋରଞ୍ଜନ ନନ୍ଦ, ଗୌର ସାହୁ, କ୍ରିଷ୍ଣ ପ୍ରସାଦ, ଅଶୋକ ସାହୁ, ସୁଶୀଲ ଦାସ, ସନ୍ତୋଷ ବରାଳ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନି ସାହୁ, କମିଟିର ବରିଷ୍ଠ ସଦସ୍ୟ ପ୍ରମୋଦ ମହାନ୍ତି, ଚିତ୍ତରଞ୍ଜନ ପାଣି, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ଗଣମାଧ୍ୟମ ପ୍ରତିନିଧି ବିକାଶ ସାହୁ, ପ୍ରିୟ ମାଧବ ଦାସ, ତପନ ମହାରଣା ଏବଂ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।



ଦେଉଳବେଢ଼ା କୋଲିୟରୀ ଶନି ମନ୍ଦିରର ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଯାତ୍ରା।

## ନିଯୁକ୍ତି, ଥଇଥାନ ଦାବିରେ ଧାରଣା

ତାଳଚେର,୧୨।୨ (ମନୋଜ ନନ୍ଦ)

ତାଳଚେର ବ୍ଲକ ଗୋପାଳପ୍ରସାଦ ଗ୍ରାମର ଶତାଧିକ ବେକାର ଯୁବତୀଯୁବକ ସୋମବାର ଏମ୍‌ସିଏଲ୍‌ସ୍ଥିତ ହିଙ୍ଗୁଳା କୋଇଲା ଖଣି ସମ୍ମୁଖରେ ନିଯୁକ୍ତି, ଥଇଥାନ ଓ ବିସ୍ଥାପନ ଦାବି ନେଇ ଧାରଣା ଦେଇଛନ୍ତି। ଫଳରେ ହିଙ୍ଗୁଳା କୋଇଲା ଖଣିରୁ ଉତ୍ତୋଳନ ଓ ପରିବହନ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହେବା ସହ ଖଣି କାର୍ଯ୍ୟ ଠପ ହୋଇଯାଇଛି। ଆନ୍ଦୋଳନକାରୀ କହିଛନ୍ତି, ଫେବୃଆରୀ ୨୦୧୦ରୁ ଅର୍ଥାତ ଦୀର୍ଘ ୧୪ ବର୍ଷରୁ ଅଧିକ ହେବ ଗୋପାଳପ୍ରସାଦ ଗ୍ରାମକୁ ଏମ୍‌ସିଏଲ୍‌ର ହିଙ୍ଗୁଳା ପ୍ରକଳ୍ପ ଅଧିଗ୍ରହଣ କରି ସାରିଥିଲେ ସୁଦ୍ଧା ୪ଶହ ପରିବାରକୁ ଥଇଥାନ ଓ ବିସ୍ଥାପନ କରିବା ଏବଂ ଗ୍ରାମର ୨୦୦ ରୁ ଅଧିକ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବାକୁ କୁଣ୍ଠାବୋଧ କରୁଛି। ତେବେ ଏ ନେଇ ଖଣି କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେଉ ନ ଥିବା ବେଳେ ଖଣି ବନ୍ଦ ଆନ୍ଦୋଳନ ବଳବତ୍ତର ରହିଛି।



ଗୋପାଳପ୍ରସାଦ ଗ୍ରାମର ଶତାଧିକ ବେକାର ଯୁବତୀଯୁବକ ଧାରଣା ଦେଇଛନ୍ତି।

## ପ୍ରଶିକ୍ଷଣ ଉପାଦେୟତା ଉପରେ ଆଲୋକପାତ



ଆଠମଲ୍ଲିକ,୧୨।୨ (ଉଦୀପ୍ତ ପୁରୋହିତ.)

ଆଠମଲ୍ଲିକ କଲେଜରେ ଆୟୋଜିତ ସପ୍ତାହ ବ୍ୟାପୀ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର କଲେଜ ସମ୍ମିଳନୀ କକ୍ଷରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର, ସଂଯୋଜକ ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ, ଅଧ୍ୟାପକ ବ୍ରଜ ଗୋପାଳ ମିଶ୍ର, ସମସ୍ତ ଶିକ୍ଷାର୍ଥୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ ପୁସ୍ତକ ତଥା ସହାଭାଗୀ ପ୍ରମାଣପତ୍ର ମୁଖ୍ୟ ଅତିଥି ସାହୁ ଓ ଅନ୍ୟ ଅତିଥିଗଣ ପ୍ରଦାନ କରିଥିଲେ। ଅଧ୍ୟାପକ ମନ୍ମଥ ପାଲ ଏବଂ ଅଧ୍ୟାପିକା ଶାନ୍ତା ପଣ୍ଡା ସହଯୋଗ କରିଥିବା ବେଳେ ଶିବିର ସମ୍ପାଦିକା ତଥା ଅଧ୍ୟାପିକା କ୍ଷୀରୋଦିନୀ ଜୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଠାକୁରାଣୀଙ୍କ ସ୍ଥାପନା ନିମନ୍ତେ ଜାଗା ପ୍ରଦାନ

ତାଳଚେର,୧୨।୨ (ମନୋଜ ନନ୍ଦ)

ତାଳଚେର ବ୍ଲକ ବଡ଼ଯୋରଡ଼ା ଗ୍ରାମରେ ଗ୍ରାମଦେବୀ ଓ ହିଙ୍ଗୁଳା ଠାକୁରାଣୀଙ୍କ ସ୍ଥାପନା ନିମନ୍ତେ ଗ୍ରାମର ବିଦେଶୀ ଦେହୁରୀ, ନିମେଇଁ ଚରଣ ଦେହୁରୀ, ପ୍ରଶାନ୍ତ ଦେହୁରୀ, ଲେମ୍ବୁ ଦେହୁରୀ ସେମାନଙ୍କ ବ୍ୟକ୍ତିଗତ ଜାଗା ଦାନ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ ସୋମବାର ତାଳଚେର ବିଡିଓଙ୍କ କାର୍ଯ୍ୟାଳୟକୁ ଆସି ଏ ସମ୍ପର୍କିତ ଚୁକ୍ତିପତ୍ର ସ୍ୱାକ୍ଷର କରିବା ସହ ଆବଶ୍ୟକୀୟ ନଥିପତ୍ର ତହସିଲଦାର ଡ. ରୋଜାଲିନ ବେହେରାଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ଜିଲା ପରିଷଦ ସଦସ୍ୟ ଅମୀୟ ପ୍ରଧାନ ଏବଂ ଗ୍ରାମ ସଭାପତି ହିମାଂଶୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ମହତ କାର୍ଯ୍ୟ ନିମନ୍ତେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଗ୍ରାମବାସୀଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି।




ତହସିଲଦାର ଡ. ରୋଜାଲିନ ବେହେରାଙ୍କୁ ଜମି କାଗଜପତ୍ର ପ୍ରଦାନ କରାଯାଉଛି।

## ରାଷ୍ଟ୍ର ନିର୍ମାଣ ଛାତ୍ରଙ୍କ ମୂଳ ଲକ୍ଷ୍ୟ



ଆଠମଲ୍ଲିକ,୧୨।୨ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଆଠମଲ୍ଲିକ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଭିପି ଓଡ଼ିଶା ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା, ମୁଖ୍ୟ ବକ୍ତା ଭାବେ ଏବିଭିପି ଅନୁଗୋଳ ଜିଲା ସଙ୍ଗଠନ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମେଶ ବାଘ ପ୍ରମୁଖ ଯୋଗଦେଇ ଛାତ୍ରଙ୍କ ମନରେ ରାଷ୍ଟ୍ରଭକ୍ତି ଜାଗ୍ରତ କରିବା ଏବିଭିପିର ମୂଳ ଲକ୍ଷ୍ୟ ବୋଲି କହିବା ସହିତ ରାଷ୍ଟ୍ରର ପୁନଃ ନିର୍ମାଣ ଛାତ୍ରଙ୍କ ମୂଳ ଲକ୍ଷ୍ୟ ହେବା ଉଚିତ ବୋଲି ବକ୍ତବ୍ୟ ରଖିଥିଲେ। ଏହି ନଗର ସମ୍ମିଳନୀରେ ନୂତନ ସଭାପତି ଭାବେ ଗୋପବନ୍ଧୁ ପ୍ରଧାନ, ସମ୍ପାଦକ ଭାବେ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ, ସହ ସମ୍ପାଦିକା ଭାବେ ସୌମ୍ୟା ମହାକୁଡ଼, ପ୍ରବୀଣ କୁମାର ସାହୁ ଓ ୨୦ ଜଣିଆ ନଗର କାର୍ଯ୍ୟକାରିଣୀ କମିଟି ଘୋଷଣା କରାଯାଇଥିଲା। ପୂର୍ବତନ କାର୍ଯ୍ୟକର୍ତ୍ତା ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଚିତ୍ତ ରଞ୍ଜନ ମେହେର, ଗୌରବ ଥାଟି, ମିଳନ ମହାପାତ୍ର ଓ ମୋହନ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ଅସିତ ରଞ୍ଜନ ପ୍ରଧାନ କର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୃହ ନିର୍ମାଣ ସମବାୟ ସମିତି ସଭାପତିଙ୍କ ମାତୃ ବିୟୋଗ

ତାଳଚେର,୧୨।୨ (ମନୋଜ ନନ୍ଦ)



ତାଳଚେର ପୌରାଞ୍ଚଳ ୩ନଂ. ୱାର୍ଡ ପାଇକସାହିସ୍ଥିତ ପୂର୍ବତନ କାଉନସିଲର ସ୍ୱର୍ଗତ ବସନ୍ତ ଥମ୍ବଙ୍କ ସ୍ତ୍ରୀ ତଥା ତାଳଚେର ଗୃହନିର୍ମାଣ ସମବାୟ ସମିତି ସଭାପତି ଦୀପକ ଥମ୍ବଙ୍କ ମା' ବିନୋଦିନୀ ଥମ୍ବ (୭୩)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ଏହି ଖବର ଜଣାପଡ଼ିବା ପରେ ତାଳଚେର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଶୋକ ପ୍ରକାଶ କରିଛନ୍ତି। ନଗରପାଳ ପବିତ୍ର ଭୂତିଆ ଶେଷ ଦର୍ଶନ କରିଥିଲେ। ଭାଜପା ନେତା କାଳନ୍ଦୀ ସାମଲ, ମନୋଜ ପ୍ରଧାନ, ରଙ୍ଗାଧର ନାହାକ, ସାମାଜିକ କର୍ମୀ ଧୀରେନ ଶତପଥୀ, ଆନନ୍ଦ ଅଗ୍ରୱାଲା, ଅଜୟ ମିଶ୍ର, ପୁଫୁନା ଦାସ, ଦୟା ସାଗର ମିଶ୍ର, ହରେଶ ସାହୁ, କାଉନସିଲରମାନେ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତୁଣୀ ଓ ନାତି ଉପସ୍ଥିତ ଥିଲେ। ସାନ ପୁଅ ଦିଲୀପ ଥମ୍ବ ମୁଖାଗ୍ନି ଦେଇଥିଲେ।

## ମନ ଦେଇ ପାଠ ପଢ଼ିବାକୁ ପରାମର୍ଶ



ଠାକୁରଗଡ଼ ଥାନା ହତାଶିମିଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ପୁରସ୍କାର ପ୍ରଦାନ କରାଯାଉଛି।

ବଇଣ୍ଡା,୧୨।୨(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ହତାଶିମିଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଠାକୁରଗଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷକ ବୈକୁଣ୍ଠ ପ୍ରଧାନ ଯୋଗଦେଇ ପିଲାମାନେ ମନ ଦେଇ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅନିଲ ମେହେର, ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟି ସଭାପତି ସୁଜିତ ମିଶ୍ର, ସନାତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପ୍ରମୋଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦୁର୍ଲଭ ସାହୁ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ତମା ନାୟକ, ପାଣ୍ଡବ ନାୟକ, ସୁଜନ ମାଝି ସହଯୋଗ କରିଥିଲେ।

## ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଅନୁଗୋଳ,୧୨।୨(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ମହୀଧରପୁର ଅନ୍ତର୍ଗତ ତାଳମୂଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ନିମାଇଁ ଚରଣ ସିଂହ ସଭାପତିତ୍ୱ କରିଥିଲେ। ଟାଏକୋଣ୍ଡୋ ସଂଘ ଅନୁଗୋଳର (ପ୍ରତିଷ୍ଠାତା) ସମ୍ପାଦକ ଓ ରାଜ୍ୟ ସ୍କୋଏ ମାର୍ଶଲ ଆର୍ଟ ଉପସଭାପତି ଦୁଷ୍ୟନ୍ତ କୁମାର ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଳିକାଙ୍କ ପାଇଁ ଆତ୍ମରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ବିଶ୍ୱଜିତ କେଶରୀ ବିଶ୍ୱାଳ, ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଦୁଷ୍ମନ୍ତ ସାହୁ ଓ ନିରୋଦ କୁମାର ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପିକା ତପସ୍ୱିନୀ ପାଣି ଶିବିର ସଂଯୋଜନା କରିଥିଲେ। ପ୍ରଶିକ୍ଷିକା ଈପ୍ସିତା ସାମଲ ଓ ଯାଜ୍ଞସେନୀ ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରଥିଲେ। କ୍ରୀଡ଼ା ଅଧ୍ୟାପକ ଅବନିକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଅନିତା ବେହେରା ଓ ଲକ୍ଷ୍ମୀପ୍ରିୟା ବେହେରା ସହଯୋଗ କରିଥିଲେ।




ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ସୁନାଗରିକ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ

ଅନୁଗୋଳ,୧୨।୨(ଅମିତ କୁମାର ସାମଲ)

ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ନିର୍ଦ୍ଦେଶକ ବିଧୁ ଭୂଷଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଓଡ଼ିଆ ସିନେ ତାରକା ଦୀପକ କୁମାର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସୁନାଗରିକ ହେବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ସ୍କୁଲ ପାଇଁ ଗୌରବ ଆଣିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜେଏନ୍‌ୟୁର ଅବସରପ୍ରାପ୍ତ ପ୍ରଫେସର ଡ. ଅଜିତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ଆଇଡଲ ଗାୟିକା ସୋହିନୀ ମିଶ୍ର ଏବଂ ଗୀତିକାର ଲଳିତ ନାରାୟଣ ରଥ ଯୋଗଦେଇ ଛାତ୍ରୀଛାତ୍ରମାନେ କିଭଳି ଭଲ ମଣିଷ ହୋଇ ସମାଜରେ ସୁନାଗରିକ ଭାବରେ ବଞ୍ଚିବା ପାଇଁ ପ୍ରୟାସ କରିବେ ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ ଓ ଶିକ୍ଷକମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଏହାର ନିର୍ଦ୍ଦେଶନା ଏବଂ ସତ୍ୟବାନ ବେହେରା ସଙ୍ଗୀତ ଦେଇଥିଲେ। ଆଲୁମନି ଆସୋସିଏଶନ ସଭାପତି ଡ. ସ୍ୱସ୍ତିକିରଣ ଏବଂ ସମ୍ପାଦକ ପ୍ରତ୍ୟୁଷା ଅମାନ୍ତଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଅଧ୍ୟକ୍ଷ ନିଖିଲ ରଞ୍ଜନ ମିଶ୍ର, ଅଧ୍ୟକ୍ଷ ଅଶୋକ କୁମାର ବେହେରା, ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପଲତା ଦାଶ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଡଲଫିନ ସାହୁ ଏବଂ ଅନୁଭା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ମହିଳାଙ୍କଠାରୁ ଲୁଟି ନେଲେ ଅଳଙ୍କାର**

ଓଡ଼ାପଡ଼ା,(ରଞ୍ଜିତ ନାୟକ): ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ବଜାର ମଧ୍ୟରୁ ସୋମବାର ଜଣେ ମହିଳାଙ୍କଠାରୁ ଲୁଟ୍ ହୋଇଛି। ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ମହିଳା ଜଣକ ହିନ୍ଦୋଳ ରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

**ପରଜଙ୍ଗ,୧୨।୨(ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ବ୍ଲକ ପରଜଙ୍ଗ ପଞ୍ଚାୟତରେ ସରପଞ୍ଚ ଗାୟତ୍ରୀ ମହାପାତ୍ରଙ୍କ ସଭାପତିତ୍ୱରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସଚେତନତା ଶିବିର ଅନୁôଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଳାସିନୀ ସେଠୀ, ରୁନୁ ବର୍ମା, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ରୋଡ଼ ପଞ୍ଚାୟତରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ଭତ୍ତା ପାଇଁ ଯେଉଁ ହିତାଧିକାରୀ ଆବେଦନ କରିଥିଲେ ସେମାନଙ୍କ ଭତ୍ତା ମଞ୍ଜୁର ହୋଇଥିବା ସରପଞ୍ଚ ମହାପାତ୍ର ପ୍ରକାଶ କରିଥିଲେ। ପଞ୍ଚାୟତବାସୀଙ୍କୁ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଦିଗରେ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି ବୋଲି ସାମାଜିକ କର୍ମୀ ସମୀର ସାହୁ ପ୍ରକାଶ କରିଥିଲେ। ଏହି ଅବସରରେ ମିଶନଶକ୍ତି କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ପଦାର୍ଥ ପ୍ରଦର୍ଶନୀ କରାଯାଇଥିଲା ଏବଂ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।



ଛାତ୍ରୀଛାତ୍ରଙ୍କ ସହ ବିଧାୟକ ଡ. ନୃସିଂହ ଚରଣ ସାହୁ।

# ଭବ୍ୟ ମନ୍ଦିର ପାଇଁ ଖର୍ଚ୍ଚ ହେବ କୋଟିଏରୁ ଅଧିକ



**ପାଲଲହଡା,୧୨।୨(ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡସ୍ଥିତ ଝାରବେଡା ପଞ୍ଚାୟତ ଖୁଲୁଡି ବାବା ଗିରିଶ୍ୱର ଶୈବପୀଠର ପୁନରୁଦ୍ଧାର ପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ଅଧିକାରୀ ତଥା ପାଲଲହଡ଼ା ଉପଜିଲାପାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ମୁକେଶ ପାଲ ଯୋଗ ଦେଇଥିଲେ। ମନ୍ଦିରଟି ରାଜାରାଜୁଡ଼ା

**ଗିରିଶ୍ୱର ଶୈବପୀଠର ହେବ ପୁନରୁଦ୍ଧାର**

ଅମଳରୁ ଥିବାବେଳେ ପ୍ରଶାସନ ତଥା ବିଧାୟକଙ୍କ ପକ୍ଷରୁ ମୁଖ୍ୟ ମନ୍ଦିରକୁ ପୁନର୍ବାର ନିର୍ମାଣ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ପ୍ରଥମ ପର୍ଯ୍ୟାୟରେ ବିଧାୟକ ପାଲ ୨୦ ଲକ୍ଷ ଏବଂ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶି ୧୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ମନ୍ଦିର ନିର୍ମାଣ ପାଇଁ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ସୂଚନା ଅନୁସାରେ, ଗିରିଶ୍ୱର ଶୈବପୀଠର ଉନ୍ନତିକରଣ ପାଇଁ ୮୪.୩୭ ଲକ୍ଷ ଟଙ୍କା ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ମଞ୍ଜୁର କରାଯାଇଛି। ଆସନ୍ତା ୧୮ ତାରିଖ ରବିବାର ମାଘ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଶିଳାନ୍ୟାସ ପୁରୀ ପଣ୍ଡିତ ସଭାର ପରାମର୍ଶକ୍ରମେ ଅନୁଷ୍ଠିତ ହେବ। ବୈଠକରେ ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକଙ୍କ ସମେତ ଉପଖଣ୍ଡର ସରପଞ୍ଚ, ସମିତିସଭ୍ୟ, ବରିଷ୍ଠ ନାଗରିକ, ମନ୍ଦିର ପରିଚାଳନା କମିଟି ତଥା ସତାଧିକା ଜନସାଧାରଣ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

**ଅନୁଗୋଳ, ୧୨।୨ (ଅମିତ କୁମାର ସାମଲ)**

ବ୍ୟବସାୟକୁ କେନ୍ଦ୍ରକରି ସୋମବାର ଅନୁଗୋଳ ସହର ବଣିଆବାହାଳ ଗ୍ରାମରେ ଜଣେ ବ୍ୟବସାୟୀଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏଥିରେ ବ୍ୟବସାୟୀ ଗଦାଧର ମଲ୍ଲିକ ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ମେଡିକାଲ ପଠାଇ ଦିଆଯାଇଛି। ଖବରପାଇ ଅନୁଗୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ଥିବା ଜଣେ ବ୍ୟବସାୟୀ ଫେରାର୍ ଥିବା ବେଳେ ଖବର ଲେଖାହେବା ବେଳକୁ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଧୀରେଶ କୁମାର ବେହେରା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଆକ୍ରମଣର ଶିକାର ହୋଇଥିବା ବ୍ୟବସାୟୀ ଗଦାଧରଙ୍କ ଘର ନିରସିଂହପୁର ଅଞ୍ଚଳରେ ହୋଇଥିବାବେଳେ ସେ ଅନୁଗୋଳରେ ଭଡ଼ାରେ ରହି ବିଭିନ୍ନ ସ୍ଥାନରେ ବୁଲି ବ୍ୟବସାୟ କରୁଛନ୍ତି। ବଣିଆବାହାଳ ଗ୍ରାମର ଜଣେ ଦୋକାନୀ ଗଦାଧରଙ୍କୁ ତାଙ୍କ ଅଞ୍ଚଳକୁ ଆସିବାକୁ ବାରଣ କରିଥିଲେ। କିନ୍ତୁ ଗଦାଧର ସମ୍ପୃକ୍ତ ଦୋକାନୀଙ୍କ କଥା ନ ଶୁଣି ବଣିଆବାହାଳକୁ ଯାଇ ବ୍ୟବସାୟ କରିବାରୁ ଦୋକାନୀ ଜଣକ ତାଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଗଦାଧରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ତ୍ରିରଙ୍ଗା କ୍ଲବ ଚାମ୍ପିୟନ

**କଣିହାଁ,୧୨।୨(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ହନୁମାନପୁର ପଞ୍ଚାୟତ ସାପକଟା ଗ୍ରାମ ସ୍କୁଲ ଖେଳ ପଡିଆରେ ପଞ୍ଚାୟତସ୍ତରୀୟ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ନିର୍ଦ୍ଦେଶକ୍ରମେ ସମର୍ଥକ ବିଜୟ କୁମାର ପ୍ରଧାନ, ଦୁଃଖବନ୍ଧୁ ବିଶ୍ୱାଳ, ଯୁବ ସଭାପତି ଅଜୟ ସାହୁ, ନିଶାକର ଦେହୁରୀ, ଯତୀନ୍ଦ୍ର କିଶୋର ବେହେରା ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ତ୍ରିରଙ୍ଗା କ୍ଲବ ନାଲମ ବିସିସି କ୍ଲବକୁ ପରାସ୍ତ ହୋଇଥିଲା। ଚାମ୍ପିୟନ ଟିମ୍‌କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ।

# ଜମିବାଡ଼ି ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ

**କଣିହାଁ,୧୨।୨(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ଲାଙ୍ଗୁଆବଡା ଗ୍ରାମବାସୀ ଜମିବାଡି ସମସ୍ୟାକୁ ନେଇ ସୋମବାର କଣିହାଁ ଥାନା ଏବଂ ତହସିଲ ଅଫିସରେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ସୂଚନାରୁ ଜଣାଯାଏ, ଲାଙ୍ଗୁଆବଡା ଗ୍ରାମବାସୀ ରଖିଥିବା ଜାଗାକୁ ଶଗଡିପାଳ ଗ୍ରାମର କେତେଜଣ ବ୍ୟକ୍ତି ଅବରୋଧ କରି ରାତାରାତି ତାରବାଡ ଦେଇଛନ୍ତି। ଏହାକୁ ନେଇ ପୂର୍ବରୁ ଅଭିଯୋଗ କରାଯାଇଥିଲା। ରାଜସ୍ୱ ନିରୀକ୍ଷକଙ୍କ ଚିହ୍ନଟ ପରେ କାହାର ଜାଗା ଜଣାପଡିବ ବୋଲି ଚୁକ୍ତିନାମା ହୋଇଥିଲା। ଚିହ୍ନଟ ପୂର୍ବରୁ ଜାଗା ଅବରୋଧ ସମସ୍ୟାକୁ ନେଇ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଏ ନେଇ ଲାଙ୍ଗୁଆବଡା ଗ୍ରାମବାସୀ କଣିହାଁ ଥାନା, ତହସିଲ କାର୍ଯ୍ୟାଳୟ ଓ ଫରେଷ୍ଟ କାର୍ଯ୍ୟାଳୟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ଓଡ଼ାପଡ଼ା,୧୨।୨(ରଞ୍ଜିତ ନାୟକ)**

ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ମନମୋହନ ତ୍ରିପାଠୀ ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ମାତୃପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦୁର୍ଗାଚରଣ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ସମ୍ପାଦିକା ବନଲତା ମହାପାତ୍ର ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଗୁରୁଜୀଗୁରୁମା ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଗୁରୁମା ରଶ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ବାଲୁଙ୍କେଶ୍ୱରଙ୍କ ବାର୍ଷିକ ଉତ୍ସବ

**ଢେଙ୍କାନାଳ,୧୨।୨(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୁଳ ପଞ୍ଚାୟତ ଆମ୍ବପଡା ଗ୍ରାମର ପ୍ରଭୁ ବାଲୁଙ୍କେଶ୍ୱର ମହାଦେବଙ୍କ ୧୪ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଅର୍ଜୁନ କୁମାର ପଣ୍ଡା, ପ୍ରକାଶ ଦାଶ, ଅଜୟ ପାଣିଗ୍ରାହୀ, ଜିତେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳ ପୂଜା, ରୁଦ୍ରାଭିଷେକ, ନବଗ୍ରହ ପୂଜା, ଗୀତାପାଠ, ଚଣ୍ଡୀପାଠ ଆୟୋଜନ କରାଯାଇଥିଲା। କର୍ତ୍ତାଭାବେ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନିରାକାର ନାୟକ, ସଞ୍ଜୟ ପଣ୍ଡା, କମଳ ମିଶ୍ର, କମଳ ପଣ୍ଡା, ଚୁନିଆ ପୃଷ୍ଟି, ଦାମ ପୃଷ୍ଟି, ରୋତାଶ ହୋତା, ସୌମ୍ୟରଞ୍ଜନ ପଣ୍ଡା, କୁନା ସାହୁ, ଛବିନ ବାରିକ, ଅକ୍ଷୟ ପଣ୍ଡା, ଅରବିନ୍ଦ ପାଣିଗ୍ରାହୀଙ୍କ ସମେତ ଗ୍ରାମର ସମସ୍ତ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ଶିକ୍ଷା, ସଙ୍ଗଠନ ଉପରେ ଗୁରୁତ୍ୱ



**ଭୁବନ,୧୨।୨(ବିପିନ ବିହାରୀ ସେଠୀ)**

ଭୁବନ ବ୍ଲକ ଜିରାଳ ଗ୍ରାମ କୋଠଘରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ଯାଦବ ସମାଜର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଲେଖଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଙ୍ଗଠନ ଓ ନିଜ ସମ୍ପ୍ରଦାୟର ମେଧାବୀ ଛାତ୍ରୀଛାତ୍ରଙ୍କ ଆର୍ଥିକ, ଶାରୀରିକ, ପରିବାରର ସମସ୍ୟା ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ଆଲୋଚନା କରିଥିଲେ। ବିଶେଷକରି କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ଯାଦବ ସମାଜର ଛାତ୍ରୀଛାତ୍ରମାନେ ଶିକ୍ଷା ଉପରେ ଗୁରୁତ୍ୱ ଦେଲେ ସଙ୍ଗଠନ ସୁଦୃଢ଼ ହୋଇପାରିବ ବୋଲି କହିଥିଲେ। ସମାଜର ସମ୍ପାଦକ ସାଧୁଚରଣ ଭୋଇ ବିବରଣୀ ପାଠ କରିଥିଲେ। ବୈଠକରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମକର୍ତ୍ତା ଯୋଗଦେଇ ସଙ୍ଗଠନକୁ ସୁଦୃଢ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ପରାମର୍ଶଦାତା ଉପେନ୍ଦ୍ର କୁମାର ମହାକୁଡ଼ ଯୋଗ ଦେଇଥିଲେ। ଆଗାମୀ ବୈଠକ ଢେଙ୍କାନାଳ ଚାଉଳିଆ ଗ୍ରାମରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା। ବରିଷ୍ଠ କର୍ମକର୍ତ୍ତା ଭାବେ ଯାଜ୍ଞସେନ ଖିଲାର, ପଣ୍ଡିକା ଦାସ, ଯୁଗଳ ବେହେରା, ରବି ବେହେରା ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ଦାସ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରାଧାନାଥଙ୍କ ସେବା ଆଜି ବି ସ୍ମରଣୀୟ

**ଢେଙ୍କାନାଳ,୧୨।୨(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ କାଇମାଟି ପଞ୍ଚାୟତ କୁକୁଡ଼ାଝର ପ୍ରାଥମିକ ବିଦ୍ୟାଳୟରେ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଡ. ରାଧାନାଥ ରଥ ଜୟନ୍ତୀ କମିଟି ଢେଙ୍କାନାଳ ସଭାପତି ପ୍ରଦ୍ୟୁମ୍ନ ରଥ ଏଥିରେ ଅଧ୍ୟକ୍ଷତା କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦବୀକୁ ଏଡ଼ାଇଯାଇଥିବା ଡ. ରଥ ଜୀବନ କାଳରେ ନିଜ ପାଇଁ ଘରଖଣ୍ଡେ କରି ନ ଥିବା କଥା କହିଥିଲେ। ବହୁ ଉଚ୍ଚ ପଦବୀରେ ରହି ମଧ୍ୟ ଜନସେବା ଭିନ୍ନ ନିଜ ପରିବାର ପାଇଁ ସେ କିଛି କରି ନ ଥିଲେ। ଢେଙ୍କାନାଳ ଜିଲା ଭୁବନରେ ୧୯୮୭ର ଭୟାବହ ଗୃହଦାହ ସମୟରେ ୯୦ବର୍ଷ ବୟସରେ ତାଙ୍କର ସେବା ଆଜି ବି ସ୍ମରଣୀୟ ହୋଇ ରହିଛି। ସମ୍ମାନିତ ଅତିଥି ଭାବେ କାଇମାଟିର ସରପଞ୍ଚ ଅମିତ କୁମାର ସ୍ୱାଇଁ ଡ. ରଥଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳିବାଳା ପତି, ସହକାରୀ ଶିକ୍ଷକ ସାର୍ତ୍ତୁକ ସାହୁ, ୱାର୍ଡ ସଭ୍ୟ ବିମଳ ଦାସ ଓ ଜୟନ୍ତୀ କମିଟିର ସଭ୍ୟ ଶଶିଭୂଷଣ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଅତିଥିମାନେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର



**କଣିହାଁ,୧୨।୨ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ କୁଳୁମା ଓ ବାଲିପଶି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କୁଳୁମା ସରପଞ୍ଚ ଲିପି ବେହେରା ଓ ବାଲିପଶି ସରପଞ୍ଚ ହାଡ଼ବନ୍ଧୁ ସେଠୀ ଶିବିରରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ଭାବେ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ କୈଳାଶ ଚନ୍ଦ୍ର ସାହୁ, କଣିହାଁ ବିଡିଓ ଦେବଦତ୍ତ ପ୍ରଧାନ, ତହସିଲଦାର ଚିନ୍ମୟ ଦାସ, ବାଲିପଶି ସମିତି ସଭ୍ୟା ସୁଜାତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କୁଳୁମା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଦେଶୀ ମହାନ୍ତି, ବାଲିପଶି ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରାଣବନ୍ଧୁ ପ୍ରଧାନ ସହଯୋଗ କରିଥିଲେ। ସେହିପରି ଗତ ଶନିବାର ସୁସୁବା ପଞ୍ଚାୟତ ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଜିଲା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ରଶ୍ମିତା ବେହେରା, ବିଜେଡି ନେତା କୃପାସିନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ସାରସ୍ୱତ ସାଧକ ହରିହର ରଣାଙ୍କ ପରଲୋକ

**ଚୌଦ୍ୱାର,୧୨।୨(ଆଶୁତୋଷ ଦାସ)**



ସାରସ୍ୱତ ସାଧକ, ସୁସଙ୍ଗଠକ, ଭାଜପାର ପୂର୍ବତନ ମଣ୍ଡଳ ସଭାପତି, କବି ହରିହର ରଣା(୮୩)ଙ୍କ ରବିବାର ହୃଦ୍‌ରୋଗରେ ପରଲୋକ ହୋଇଯାଇଛି। ତାଙ୍କ ପୈତୃକ ଘର ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗାରେ ହୋଇଥିବା ବେଳେ ସେ ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡର ନୂଆସାହିଠାରେ ରହୁଥିଲେ। କିଛିଦିନ ହେଲା ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଚୌଦ୍ୱାର ଅଞ୍ଚଳରେ ବହୁ ସାରସ୍ୱତ, ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ୨୦ରୁ ଉର୍ଦ୍ଧ୍ୱ କବିତା ପୁସ୍ତକ ଓ ଅନେକ ଉଚ୍ଚକୋଟିର ଶିଶୁ ସାହିତ୍ୟ ରଚନା କରିଥିଲେ। ତାଙ୍କ ମରଶରୀରକୁ ପ୍ରଥମେ ଚୌଦ୍ୱାର ନୂଆସାହିସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ବୈରାଗୀ ଚରଣ ପ୍ରଧାନଙ୍କ ସମେତ ଅଞ୍ଚଳର ବହୁ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମରଶରୀରକୁ ଜନ୍ମସ୍ଥାନ ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ଗ୍ରାମକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ତାଙ୍କ ପରଲୋକରେ ହାନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଉତ୍କଳ ସାହିତ୍ୟ ସମାଜ ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତି, ଶିକ୍ଷାବିତ୍ ସୁକାନ୍ତ କୁମାର ମହାନ୍ତି ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ଶନି ମନ୍ଦିରର ରତ୍ନମୁଦ ଉତ୍ସବ ପାଇଁ ବୈଠକ

**ବଇଣ୍ଡା,୧୨।୨ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ମଦନପଡା ସାହିରେ ନୂତନ ଶନି ମନ୍ଦିର ସ୍ଥାପନ ହେବ। ଏ ନେଇ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ରବିବାର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାନସ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଦୀପ ମହାପାତ୍ର, ସନ୍ତୋଷ ସାହୁ, ରଜତ ମହାପାତ୍ର, ବିଦ୍ୟୁତ୍ ସାହୁ, ପ୍ରତାପ ସାହୁ, ତ୍ରିନାଥ ମହାପାତ୍ରଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଚଳିତ ମାସ ୧୯ ତାରିଖରେ ଏହି ମନ୍ଦିର ପାଇଁ ଭୂମିପୂଜା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। କିଭଳି ଶାନ୍ତିଶୃଙ୍ଖଳାର ସହ ଏହି କାର୍ଯ୍ୟକ୍ରମ ହେବ ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତଙ୍କ ସହଯୋଗ ଲୋଡାଯାଇଛି।

# ଆତ୍ମରକ୍ଷା ତାଲିମ ନେଲେ ଛାତ୍ରୀ

**ବଇଣ୍ଡା,୧୨।୨(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରବୀଣ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଠାକୁରଗଡ଼ ଥାନା ଆଇଆଇସି ନଟବର ନନ୍ଦ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟକ୍ଷ ପ୍ରତିମା ବାଘ, ଅଧ୍ୟାପକ ସସ୍ମିତ ରାଉତ, ଶକ୍ତି ସୁରପା ମିଶ୍ର ଯୋଗ ଦେଇଥିଲେ। ଖେଳ ଶିକ୍ଷକ ଚକ୍ରଧର ପ୍ରଧାନ ପରିଚାଳନା କରିଥିଲେ। ପ୍ରିୟଦର୍ଶିନୀ ପ୍ରଧାନ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ପାଇକସାହି କାଶୀବିଶ୍ୱନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଶିବିରରେ ଅତିଥି ଭାବେ ଅଧ୍ୟାପକ ମୁକୁନ୍ଦ ଚନ୍ଦ୍ର ଗଡତିଆ, ପ୍ରଦୀପ ସାହୁ, ଅଧ୍ୟାପିକା ତୃପ୍ତିମୟୀ ପାତ୍ର, ଚିତ୍ରସେନ ପ୍ରଧାନ, ସରିତା ମଞ୍ଜରି ପୃଷ୍ଟି, ଶ୍ରୀକାନ୍ତ ରାଉତ, ଅବନୀକାନ୍ତ ପ୍ରଧାନ, ସୁଜିତ ସାହୁ, ଧୀରେନ କୁଦେଇ, ନବୀନ ଚନ୍ଦ୍ର ପ୍ରଧାନ, ଶୁକଦେବ ସାହୁ ଯୋଗ ଦେଇଥିଲେ। ସସ୍ମିତା ସାହୁ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।



# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କାମାକ୍ଷାନଗର,୧୨।୨ (ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ନିଗମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହକାରୀ ଜିଲାପାଳ ମଦନ ମୋହନ ଜେନା ଯୋଗ ଦେଇଥିଲେ। ଖେଳ ଶିକ୍ଷୟିତ୍ରୀ ଅଧ୍ୟାପିକା ସୁନିତ ବ୍ରତି ହୋତା ପରିଚାଳନା କରିଥିବାବେଳେ ମାଷ୍ଟର ଟ୍ରେନର ଭାବେ ପୂଜାରାଣୀ ସେନାପତି ଓ ସୁଶ୍ରୀ ରଶ୍ମିତା ବେହେରା ବାଳିକାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପକ ଆଶିଷ ମିଶ୍ର, ସୁଶାନ୍ତ ପଣ୍ଡା, ଦୁଷ୍ମନ୍ତରାୟ ଚୌଧୁରୀ, ଅଧ୍ୟାପିକା ଦୀପ୍ତିରେଖା ଦ୍ୱିବେଦୀ, ମିନତି ନାୟକ, ମରାଳମାଳିନି ନନ୍ଦ, ସ୍ୱାଗତିକା ନନ୍ଦ, କର୍ମଚାରୀ ସୁବାସ ସାହୁ ସହଯୋଗ କରିଥିଲେ।

# ୧୦ ଦଫା ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରାଉ




**ବଇଣ୍ଡା,୧୨।୨(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକରେ ଅନେକ ସମସ୍ୟା ଲାଗିରହିଛି। ସେଗୁଡିକ ସମାଧାନ କରାଯାଉ ନାହିଁ। ବିଶେଷକରି ସମସ୍ତ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ସମସ୍ୟା ଶୀଘ୍ର ସମାଧାନ କରିବା ପାଇଁ ସୋମବାର କିଶୋରନଗର ବ୍ଲକ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ବ୍ଲକ ଘେରାଉ କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ସମ୍ବଳିତ ଦାବିପତ୍ର ବ୍ଲକ ପ୍ରଶାସନକୁ ପ୍ରଦାନ କରାଯାଇଛି। କମିଟି ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ବରପଡ଼ିଆଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରତିବାଦ ସଭାରେ କମିଟି ପକ୍ଷରୁ କୁହାଯାଇଛି, ଚାଷୀଙ୍କ ପାଇଁ ସରକାର ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ଘୋଷଣା କରିଥିବାବେଳେ ଏହା କାର୍ଯ୍ୟକାରୀ କରାଯାଉ ନାହିଁ। ଫଳରେ ଚାଷୀମାନେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଡାକ୍ତର ପଦବୀ ଖାଲି ପଡିଥିବାବେଳେ ପୂରଣ କରାଯାଉ ନାହିଁ। ଫଳରେ ଗରିବ ଶ୍ରେଣୀର ରୋଗୀମାନେ ରେଢାଖୋଲ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଏଥିସହିତ କିଶୋରନଗର ବ୍ଲକ ଅଞ୍ଚଳରେ ଚୋରା ମଦ କାରବାର ବନ୍ଦ କରାଯାଉ ବୋଲି କମିଟି ପକ୍ଷରୁ ଦାବି କରାଯାଇଛି। ଏଥିରେ ରମଣ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, କୈଳାସ ପ୍ରଧାନ, ଅନନ୍ତଚରଣ ପ୍ରଧାନ, ଅର୍ଜୁନ ମୁଣ୍ଡାଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ।

## ନିଖୋଜ ୨ ଛାତ୍ର ଉଦ୍ଧାର

ବଉଁଶ,(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ଉରୁକୁଳା ହାଇସ୍କୁଲରେ ଥିବା ଛାତ୍ରାବାସରୁ ନିଖୋଜ ହୋଇଥିବା ୨ ଛାତ୍ରଙ୍କୁ ରବିବାର ହଣ୍ଡପା ପୋଲିସ ଅନୁଗୋଳ ବସ୍‌ଷ୍ଟାଣ୍ଡରୁ ଉଦ୍ଧାର କରିଛି। ପୋଲିସ ଉଦ୍ଧାର ୨ ଛାତ୍ରଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେମାନେ ଏକ ସପ୍ତାହ ହେବ ବିଦ୍ୟାଳୟରେ ଥିବା ଛାତ୍ରାବାସରୁ ନିଖୋଜ ହୋଇଯାଇଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ସୁଧାକର ପ୍ରଧାନ ହଣ୍ଡପା ଥାନାରେ ଅଭିଯୋଗ କରିଥିଲେ।

# ରାଇଜିଙ୍ଗ ଷ୍ଟାର ପକ୍ଷରୁ ରକ୍ତଦାନ ଶିବିର

ଢେଙ୍କାନାଳ,୧୨।୨(ରତନ ନାୟାର)

ଢେଙ୍କାନାଳର ଅଗ୍ରଣୀ ଯୁବ ଅନୁଷ୍ଠାନ ରାଇଜିଙ୍ଗ ଷ୍ଟାର କ୍ଲବ ପକ୍ଷରୁ ସ୍ଥାନୀୟ ଅଭିନନ୍ଦନ ଗାର୍ଡେନ୍ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଜେଡି କୃଷକ ସଂଗଠନ ସଭାପତି ନରୋତ୍ତମ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କ୍ଲବ ଅଧ୍ୟକ୍ଷ ରଶ୍ମି ରଞ୍ଜନ ପାଢ଼ୀ, ସଭାପତି ସନାତନ ରାଉଳ, ସମ୍ପାଦକ ଗୁରୁପଦ ବିଶ୍ୱାଳ, ଉପଦେଷ୍ଟା ନିରଦାନନ୍ଦ ନନ୍ଦ, ମନୋଜ କୁମାର ପୃଷ୍ଟି, ନରେନ୍ଦ୍ର ବେହେରା, ଦିବ୍ୟସିଂହ ରାଉଳ, ଗୋଲେଖନାଥ ବିଶ୍ୱାଳ, ପ୍ରତାପ ସେନାପତି, ପବିତ୍ର ସେନାପତି, ବିଶ୍ୱଜିତ୍ ମହାରଣା, ସନ୍ତୋଷ ବେହେରା, ରଞ୍ଜନ ରାଉଳ, ସାହିଲ୍ ଖାନ୍, ଜିତେନ୍ଦ୍ରୀୟ ପଣ୍ଡା ଓ ବାପୁ ଭାଇଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ୨୬ ବେଆଇନ ଇଟାଭାଟି ଭଙ୍ଗାଗଲା

ଢେଙ୍କାନାଳ,୧୨।୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଦୁର୍ଗାପୁରସ୍ଥିତ ଏକ ବେଆଇନ ନାଲି ଇଟାଭାଟିରେ କାର୍ଯ୍ୟରତ ଶ୍ରମିକ ଦମ୍ପତି ଓ ତାଙ୍କ ନାବାଳକ ପୁଅଙ୍କ ଗତ ଶନିବାର ମୃତ୍ୟୁ ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନକୁ ଜୋର୍‌ଦାର କରାଯାଇଛି। ଏହା ପୂର୍ବରୁ ମାନପୁର ଗ୍ରାମରେ ଥିବା ଏକ ବେଆଇନ ଇଟାଭାଟିରେ କାର୍ଯ୍ୟରତ ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ମାତ୍ର ୨ ମାସ ମଧ୍ୟରେ ୫ ଶ୍ରମିକଙ୍କ ମୃତ୍ୟୁ ଘଟଣା ପରେ ଉକ୍ତ ଅଞ୍ଚଳରେ ଗଢ଼ି ଉଠିଥିବା ବେଆଇନ ଇଟାଭାଟିଗୁଡ଼ିକୁ ଭଙ୍ଗାଯିବା କାର୍ଯ୍ୟ ଆରମ୍ଭ ହୋଇଛି। ରବିବାର କଣ୍ଟାବଣିଆ ଥାନା କମଳାଙ୍ଗ ଓ ମାନପୁର ଅଞ୍ଚଳରେ ୬ଟି ଇଟାଭାଟି ଭଙ୍ଗା ଯାଇଥିବା ବେଳେ ସୋମବାର ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ନିର୍ଦ୍ଦେଶରେ ମୋଟଙ୍ଗା ଥାନା ଅଞ୍ଚଳରେ ୮ଟି ଓ କାମାକ୍ଷାନଗର ଥାନା ଅଞ୍ଚଳରେ ୧୧ ଏବଂ ପରଜଙ୍ଗ ଥାନା ଅଞ୍ଚଳରେ ୭ଟି ବେଆଇନ ଇଟା ଭାଟିକୁ ଉଚ୍ଛେଦ କରାଯାଇଛି। ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ଓ ରାଜସ୍ୱ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଥାନା ଅଞ୍ଚଳର ବ୍ରାହ୍ମଣୀ ନଦୀ କୂଳ କୁରୁଣ୍ଟି ଗ୍ରାମରେ ଗୋଟିଏ, କୁସପଙ୍ଗା ଗ୍ରାମରେ ୩ଟି ଓ ମାଳିବିଡୋ ଗ୍ରାମରେ ୪ଟି ଇଟାଭାଟି ଭଙ୍ଗା ଯାଇଛି। ସେହିପରି କାମାକ୍ଷାନଗର ବ୍ଲକର ରାମିଆଳ ନଦୀକୂଳ ଆଲୁତୁମା ଗ୍ରାମରେ ୫ ଓ ଶରଧାପୁର ଗ୍ରାମରେ ୬ ବେଆଇନ ଇଟାଭାଟିକୁ ଉଚ୍ଛେଦ କରାଯାଇଛି। କାମାକ୍ଷାନଗର ତହସିଲଦାର ପ୍ରିୟବ୍ରତ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ ଓ କାମାକ୍ଷାନଗର ଥାନା ପୋଲିସ ଉପସ୍ଥିତିରେ ଇଟାଭାଟିଗୁଡିକ ଭଙ୍ଗାଯାଇଛି। ସେହିପରି ପରଜଙ୍ଗ ଥାନା ଅଞ୍ଚଳରେ ଲୋଧଣୀ, ପାଳସାହି ଓ କନ୍ଦରସିଙ୍ଗା ଅଞ୍ଚଳରେ ୭ଟି ବେଆଇନ ଇଟାଭାଟିକୁ ଭଙ୍ଗାଯାଇଛି। ଅନ୍ୟପଟରେ ଶନିବାର ଶ୍ୱାସରୁଦ୍ଧ ହୋଇ ୩ ଶ୍ରମିକ ମୃତ୍ୟୁ ଘଟଣାରେ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲେ ହେଁ ଏଯାଏ ଦୋଷୀଙ୍କୁ ଧରାଯାଇପାରି ନାହିଁ। ଇଟା ଭାଟି ମାଲିକମାନେ ଫେରାର ଥିବା ବେଳେ ସେଠାରେ ନିୟୋଜିତ ଶ୍ରମିକଙ୍କ ସମ୍ପର୍କରେ ମଧ୍ୟ କୌଣସି ତଥ୍ୟ ମିଳୁନାହିଁ।



କାମାକ୍ଷାନଗର ଥାନା ଅଞ୍ଚଳରେ ବେଆଇନ ଇଟାଭାଟିକୁ ଭଙ୍ଗାଯାଉଛି।

# ଚିନ୍ମୟ ମିଶନ ପକ୍ଷରୁ ଗୀତା, ବେଦାନ୍ତ ପ୍ରବଚନ

ଢେଙ୍କାନାଳ,୧୨।୨(ରତନ ନାୟାର)

ଢେଙ୍କାନାଳ ଚିନ୍ମୟ ମିଶନ ପକ୍ଷରୁ ସ୍ଥାନୀୟ ନୂଆପୋଖରୀ ଠାରେ ଥିବା ମନ୍ଦିର ଓ ଅନୁଷ୍ଠାନ ପରିସରରେ ସୋମବାର ଗୀତା, ବେଦାନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୯୯୯ ମସିହାରୁ ସହରସ୍ଥିତ ଗୋପବନ୍ଧୁ ଟାଉନ ହଲ୍‌ଠାରେ ଚିନ୍ମୟ ମିଶନ ପକ୍ଷରୁ ଅନୁଷ୍ଠିତ ଏହି ଗୀତା ବେଦାନ୍ତ ପ୍ରବଚନ ୨୫ ବର୍ଷରେ ପହଞ୍ଚିଛି ବୋଲି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚିନ୍ମୟ ମିଶନ ଢେଙ୍କାନାଳର ଅଧ୍ୟକ୍ଷ ସନ୍ତୋଷ କୁମାର ରଥ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିନ୍ମୟ ମିଶନ ମହାରାଷ୍ଟ୍ର ନାସିକର ଆଚାର୍ଯ୍ୟ ସ୍ୱାମୀ ଅଦଭୈତାନନ୍ଦ ସରସ୍ୱତୀ ଜୀ ଯୋଗଦେଇ ଗୀତା ଉପରେ ପ୍ରବଚନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ସାଢେ ୬ଟାରୁ ୮ଟା ଯାଏ ଅନୁଷ୍ଠିତ ହେବ। ଏହାପରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ସକାଳ ସାଢେ ୬ରୁ ସାଢେ ୭ଟା ପର୍ଯ୍ୟନ୍ତ ବେଦାନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅନୁଷ୍ଠାନ ସଭାପତି କ୍ୟାପଟେନ ସୁଧୀର କୁମାର ପାତ୍ର, ସମ୍ପାଦକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଚିନ୍ମୟ ମିଶନ ପକ୍ଷରୁ ଗୀତା ଓ ବେଦାନ୍ତ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚନ ଦିଆଯାଉଛି।

# ଜଗନ୍ନାଥ ଦଳକୁ ହରାଇ କପିଳାସ ବିଜୟୀ

ଢେଙ୍କାନାଳ,୧୨।୨(ରତନ ନାୟାର)

ଢେଙ୍କାନାଳ ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ଇଣ୍ଟ୍ରା ସ୍କୁଲ କ୍ରିକେଟ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ଖେଳରେ କପିଳାସ ଦଳ ୧୩୭ ରନରେ ଜଗନ୍ନାଥ ଦଳକୁ ପରାସ୍ତ କରିଛି। କପିଳାସ ଦଳ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୭ ଉଇକେଟ ହରାଇ ୨୨୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆୟୁଷ୍ମାନ ସାହୁ ୭୦ରନ ଓ ମନୀଷ ଦାସ ୩୭ରନ ସଂଗ୍ରହ କରିଥିଲେ। ଜଗନ୍ନାଥ ଦଳ ପକ୍ଷରୁ ଶ୍ରେୟାଂଶୁ ପତି ୩ ଉଇକେଟ ନେଇଥିଲେ। ଜବାବରେ ଜଗନ୍ନାଥ ଦଳର ସମସ୍ତ ଖେଳାଳି ୮୯ ରନ କରି ଆଉଟ ହୋଇଯାଇଥିଲେ। କପିଳାସ ଦଳର ଅବିନାଶ ମହାପାତ୍ର ୫ ଉଇକେଟ ନେଇଥିଲେ। ଏହି ଖେଳକୁ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ସନ୍ତୋଷ ରାଉତ ପରିଚାଳନା କରିଥିଲେ। ଜିତେନ୍ଦ୍ର ସେନାପତି ସ୍କୋରର ରହିଥିଲେ।

# ବିଜୁଳି ସଂଯୋଗ ଦାବିରେ ପ୍ରଶାସନର ଦ୍ୱାରସ୍ଥ

ଢେଙ୍କାନାଳ,୧୨।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଚନ୍ଦ୍ରଶେଖର ପ୍ରସାଦ ପଞ୍ଚାୟତର ଗମ୍ଭାରିବନ୍ଧ ଶବରସାହି ଓ ଭରତିଆପାଳ ଜୁଆଙ୍ଗ ସାହିକୁ ଦୀର୍ଘ ୭୬ବର୍ଷ ହେବ ବିଜୁଳି ସଂଯୋଗ ମିଳିନାହିଁ। ଏହି ୨ ଗ୍ରାମର ଅଧିବାସୀମାନେ ଏଯାଏ ବିଜୁଳି ସେବାରୁ ବଞ୍ଚିତ ରହିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାରେ ଗରିବ, ଅନୁସୂଚିତ ଜାତି ଓ ଜନଜାତି ଲୋକେ ବାସ କରୁଥିବା ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ଦିଆଯାଉଥିବା ବେଳେ ଏହି ୨ ଗ୍ରାମବାସୀ ଏହାର ସୁଫଳ ପାଇପାରୁ ନାହାନ୍ତି। ସନ୍ଧ୍ୟାହେଲେ ଗ୍ରାମରେ ଅନ୍ଧାର ଯୋଗୁ ଗ୍ରାମବାସୀ ହାତୀ ଆକ୍ରମଣର ଶିକାର ହେଉଛନ୍ତି। ତେଣୁ ତୁରନ୍ତ ଉକ୍ତ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।



ବିଜୁଳି ସଂଯୋଗ ଦାବିରେ ମହିଳାମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

# ବନ୍ଦ ଘରୁ ଝୁଲନ୍ତା ମୃତଦେହ ଜବତ

ଢେଙ୍କାନାଳ,୧୨।୨(ରତନ ନାୟାର)

ଢେଙ୍କାନାଳ ସହର ହାଟରୋଡ଼୍‌ଠାରେ ଥିବା ଏକ ବନ୍ଦ ଘର ମଧ୍ୟରୁ ଗଁଡିଆ ଥାନା ଖଙ୍କର ଗ୍ରାମର ସତ୍ୟବ୍ରତ ରାଉତଙ୍କ ଝୁଲନ୍ତା ମୃତଦେହ ସୋମବାର ପୋଲିସ ଜବତ କରିଛି। ସତ୍ୟବ୍ରତ ପ୍ରାୟ ୨।୩ ଦିନ ହେବ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଦୁର୍ଗନ୍ଧ ବାହାରିବା ପରେ ଏହି ଘଟଣା ଜଣାପଡିଥିଲା। ପ୍ରେମଜନିତ ଘଟଣାରୁ ସେ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। କିଛିଦିନ ହେବ ସତ୍ୟବ୍ରତ ଢେଙ୍କାନାଳର ଏକ ଡ୍ରେସ୍ ଦୋକାନରେ କାମ କରୁଥିଲେ। ହେଲେ ୩ ଦିନ ହେଲା ସେ ଦୋକାନକୁ ଯାଇ ନ ଥିଲେ। ତାଙ୍କ ଫୋନ ମଧ୍ୟ ଲାଗୁ ନ ଥିଲା। ଖବରପାଇ ନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିବା ପୋଲିସ ସୂଚନା ଦେଇଛି।

# ଶତାବ୍ଦୀ ପୁରୁଷ ଥିଲେ ରାଧାନାଥ



ଜୟନ୍ତୀ ପାଳନ ଅବସରରେ ଉତ୍ଫୁନା ଅନୁଷ୍ଠାନର ସଦସ୍ୟମାନେ।

ଢେଙ୍କାନାଳ,୧୨।୨(ରତନ ନାୟାର)

ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ଓ ଉତ୍ଫୁନାର ମିଳିତ ଆନୁକୂଲ୍ୟରେ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧଦିବସ ଉତ୍ଫୁନା କାର୍ଯ୍ୟାଳୟରେ ସୋମବାର ପାଳିତ ହୋଇଯାଇଛି। ଟ୍ରଷ୍ଟ ସାଧାରଣ ସମ୍ପାଦକ ତଥା ଉତ୍ଫୁନା ସର୍ବଭାରତୀୟ ସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ ଡ. ରଥ ଶତାବ୍ଦୀ ପୁରୁଷ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ରାଜ୍ୟ ସଦସ୍ୟ କବି ବାହାଦୁର ପାଟ୍ଟସାହାଣୀ ଓ ପରିବେଶବିତ୍ ଉପେନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ଗୋକୁଳ ପଣ୍ଡା, ଚିତ୍ତରଞ୍ଜନ ଶତପଥୀ, ସମାଜବାଦୀ ନେତା ସରୋଜ ଶତପଥୀ, ଲକ୍ଷ୍ମୀଧର ଶତପଥୀ, ବସନ୍ତ ବିଶ୍ୱାଳ, ରୁମେନା ବେଗମ୍, ଅଧ୍ୟାପକ କ୍ଷୀରୋଦ ନାୟକ, ଦେବୀ ପ୍ରସାଦ ମିଶ୍ର, ଉମ୍ବରୁଧର ପଣ୍ଡା, ପ୍ରାକୃତିକ ଚିକିତ୍ସା କେନ୍ଦ୍ରର ପରିଚାଳକ ପୀତବାସ ସାହୁ ଓ ଆଡଭୋକେଟ୍ ପ୍ରକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅବିନାଶ ଦାସ, ବର୍ଷା ପଟ୍ଟନାୟକ ଓ ବିଚିତ୍ରା ନନ୍ଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ପ୍ରମୋଦ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ମିତାରାଣୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନୀଲ ଜିଲା କଂଗ୍ରେସ ସଭାପତି

ଢେଙ୍କାନାଳ,୧୨।୨(ରତନ ନାୟାର)

ବରିଷ୍ଠ ନେତା ତଥା ଆଇନଜୀବୀ ସୁନୀଲ କୁମାର ଦାଶ ଢେଙ୍କାନାଳ ଜିଲା କଂଗ୍ରେସ କମିଟିର ନୂତନ ସଭାପତି ଭାବେ ରବିବାର ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିସ କ୍ରମେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଶିବାନନ୍ଦ ରାୟ ଏହି ଘୋଷଣା କରିଛନ୍ତି। ସୁନୀଲ ପୂର୍ବରୁ ୩ଥର ଜିଲା ଯୁବ କଂଗ୍ରେସ ସଭାପତି ଦାୟିତ୍ୱ ବହନ କରିଥିଲେ। ଏତଦବ୍ୟତୀତ ସେ ଢଙ୍କାନାଳ କଲେଜ ଓ ଆଇନ ମହାବିଦ୍ୟାଳୟର ସଭାପତି ମଧ୍ୟ ରହିଥିଲେ। ଏହି ଦାୟିତ୍ୱ ପାଇବା ପରେ ସେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ୍ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ରାଜ୍ୟ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ତଥା କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓଙ୍କ ସମେତ କଂଗ୍ରେସର ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳୀୟ ସଙ୍ଗଠନକୁ ସୁଦୃଢ଼ କରାଯାଇ ଜନସାଧାରଣଙ୍କ ନିକଟତର ହେବାକୁ ସେ ସମସ୍ତ ଉଦ୍ୟମ କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।



ସୁନୀଲ କୁମାର ଦାଶ।

# ଅଙ୍ଗନୱାଡ଼ି କର୍ମୀଙ୍କ ସମସ୍ୟା ଉପରେ ଆଲୋକପାତ

ଢେଙ୍କାନାଳ,୧୨।୨(ରତନ ନାୟାର)

ଢେଙ୍କାନାଳ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ଜିଲା କମିଟି ବୈଠକ ସୁଫଳା ମହାପାତ୍ରଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଯୋଗଦେଇ ଆସନ୍ତା ୧୬ ତାରିଖରେ ସର୍ବଭାରତୀୟ ଧର୍ମଘଟ ଉପରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ ଯୋଗଦେଇ ଅଙ୍ଗନୱାଡି କର୍ମୀଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବଜାର ଦର ହୁହୁ ହୋଇ ବଢୁଥିବା ସ୍ଥଳେ ଅଙ୍ଗନୱାଡି କେନ୍ଦ୍ରର ରନ୍ଧନ ଓ ବଣ୍ଟନ ଖାଦ୍ୟ ମୂଲ୍ୟ ପୂର୍ବଭଳି ବଜାୟ ରହୁଛି। ତେଣୁ କର୍ମୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଣ୍ଡା ଦର ବଜାରରେ ବର୍ତ୍ତମାନ ଗୋଟା ପ୍ରତି ୮ ଟଙ୍କା ଥିଲାବେଳେ ସରକାର ୫ ଟଙ୍କା ୫୦ ପଇସା ଦେଉଛନ୍ତି। ତେଣୁ କର୍ମୀ କି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା କେବଳ ସେ ନିଜେ ହିଁ କହିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ସମ୍ପାଦିକା ମଳୟ ମଞ୍ଜରୀ ଜେନା କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଏଆଇଟିୟୁସି ଜିଲା ସଭାପତି ରବି ରଥ ଯୋଗଦେଇ ୧୬ ତାରିଖରେ ହେବାକୁ ଯାଉଥିବା ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ମାମିନା ମହାପାତ୍ର, ମେହେମୁଦା ବେଗମ୍, ଭରତୀ ନାୟକ, ସୁମତି ସାହୁ, ଲକ୍ଷ୍ମୀପ୍ରିୟା ସାହୁ, କଳ୍ପନା ସାହୁ, ବିଜୟଲକ୍ଷ୍ମୀ ସାହୁ, ନିରାସୀ ବେହେରା, ପ୍ରିୟମ୍ବଦା ମହାପାତ୍ର, ତୃପ୍ତିମାଳା ପଣ୍ଡା ଓ ପ୍ରଭାତି ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ସଂକୀର୍ତ୍ତନ ମହାମଣ୍ଡଳୀର ବାର୍ଷିକ ସମ୍ମିଳନୀ



ସଂକୀର୍ତ୍ତନ ମହାମଣ୍ଡଳୀର ବାର୍ଷିକ ସମ୍ମିଳନୀ ଅବସରରେ ଏମ୍‌ପିଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ,୧୨।୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ପଶ୍ଚିମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସୋମବାର ବାବା ପଶ୍ଚିମେଶ୍ୱର ସଂକୀର୍ତ୍ତନ ମହାମଣ୍ଡଳୀର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ଏୟୁସିବି ଅନୁଗୋଳ ନିର୍ଦ୍ଦେଶକ ନରୋତ୍ତମ ସାହୁ, ପଣ୍ଡିତ ମାତୃପ୍ରସାଦ ମିଶ୍ର ଓ ନିଉ ଇଣ୍ଡିଆ ସମ୍ପାଦକ ଶେଷଦେବ ରାଉତ ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିଲେ। ଆଖପାଖ ୫ ପଞ୍ଚାୟତର ୨୭ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ମହାମଣ୍ଡଳୀ ସଭାପତି ଗଦାଧର ଜେନା ଓ ସମ୍ପାଦକ ଜନ୍ମେଶ୍ୱର ସାହୁ ପରିଚାଳନା କରିଥିଲେ। ବାବା ପଶ୍ଚିମେଶ୍ୱର ସଂକୀର୍ତ୍ତନ ମହାମଣ୍ଡଳୀ ତରଫରୁ ନିଉ ଇଣ୍ଡିଆ ସମ୍ପାଦକ ଶେଷଦେବ ରାଉତଙ୍କୁ ନିତାଇଗୌର ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ୟକ୍ତିତ୍ୱର ବିକାଶ କରିବ ରାଷ୍ଟ୍ରୀୟ ଶିକ୍ଷାନୀତି

ଢେଙ୍କାନାଳ,୧୨।୨(ରତନ ନାୟାର)

ମଧ୍ୟପ୍ରଦେଶର ଭୋପାଳସ୍ଥିତ ମାଖନଲାଲ ଚତୁର୍ବେଦୀ ନ୍ୟାଶନାଲ ୟୁନିଭରସିଟି ଫର ଜର୍ନାଲିଜମ୍ ଆଣ୍ଡ୍ କମ୍ୟୁନିକେଶନର କୁଳପତି ପ୍ରଫେସର ଡ. କେଜି ସୁରେଶ ସୋମବାର ଢେଙ୍କାନାଳ ସହରସ୍ଥିତ ଗଣେଶ ବଜାରଠାରେ ଥିବା ମିଶନ ରିକନଷ୍ଟ୍ରକଶନର ବେସିକ ଇନଫର୍ମେଶନ ଆଣ୍ଡ ମିଡିଆ ସେଣ୍ଟର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ରାଷ୍ଟ୍ରୀୟ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ମାଖନଲାଲ ଚତୁର୍ବେଦୀ ନ୍ୟାଶନାଲ ୟୁନିଭରସିଟି ଫର ଜର୍ନାଲିଜମ୍ ଆଣ୍ଡ୍ କମ୍ୟୁନିକେଶନ ରାଷ୍ଟ୍ରୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ପ୍ରଦାନ କରୁଛି। ରାଷ୍ଟ୍ରୀୟ ଶିକ୍ଷାନୀତି ବ୍ୟକ୍ତିତ୍ୱର ବିକାଶ ସହ ଡିଜିଟାଲ ଶିକ୍ଷା, ଦକ୍ଷତା ବିକାଶ ଓ ଭୋକେଶନାଲ ଏଜୁକେଶନ ଆଦିର ବିକାଶ କରି ସୁଯୋଗ ସୃଷ୍ଟି କରିବ। ଭାରତକୁ ବିଶ୍ୱଗୁରୁ କରିବା ପାଇଁ ରାଷ୍ଟ୍ରୀୟ ଶିକ୍ଷାନୀତି ରୋଡମ୍ୟାପ୍ କରାଯାଇଛି। ନୂତନ ଶିକ୍ଷାନୀତି ଜ୍ଞାନ ଭାରତୀୟ ପରମ୍ପରା ଓ ଭାଷାକୁ ଉନ୍ନତ କରିବା ସହିତ ଛାତ୍ରୀଛାତ୍ରଙ୍କର ବୃହତ୍ତର ସ୍ୱାର୍ଥ ଓ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ୧ ବର୍ଷ, ୨ ବର୍ଷ, ୩ ବର୍ଷ ଓ ୪ ବର୍ଷିଆ କୋର୍ସ ପ୍ରସ୍ତୁତ କରାଯାଇଛି। କେନ୍ଦ୍ରର ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଉପଦେଷ୍ଟା ବିରଞ୍ଚି ନାରାୟଣ ପାଣି, ଶିଶୁ ଅଧିକାର ଗବେଷକ ଡ. ବିରଞ୍ଚି ନାରାୟଣ ସେଠ, ରେଡିଓ ଅନଲାଇନ କାର୍ଯ୍ୟକାରିତା, ସୂଚନା ସେବା ଓ କେନ୍ଦ୍ରର ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଗଣମାଧ୍ୟମ ରାଷ୍ଟ୍ରୀୟ ଶିକ୍ଷାନୀତି ବିଷୟରେ ସମାଜର ସବୁ ବର୍ଗର ଲୋକଙ୍କୁ ସୂଚନା ଦେବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ।



ପ୍ରଫେସର ଡ. କେଜି ସୁରେଶଙ୍କ ସମେତ ଅନ୍ୟମାନେ।

# ଢେଙ୍କାନାଳରୁ ନୂତନ ଟ୍ରେନ୍ ଚଳାଚଳ ଦାବି

**ରେଳଯାତ୍ରୀ ସଂଘ ସାଧାରଣ ବୈଠକ**

- ଅନୁଗୋଳରେ ୱାଶିଂ ଶେଡ୍ ବ୍ୟବସ୍ଥା ହେଉ
- ବିଶାଖା ଟ୍ରେନ୍ ସମ୍ପ୍ରସାରଣ କରାଯାଉ

ଢେଙ୍କାନାଳ,୧୨।୨(ରତନ ନାୟାର)

ଢେଙ୍କାନାଳ-ଅନୁଗୋଳ ରେଳଯାତ୍ରୀ ସଂଘର ସାଧାରଣ ବୈଠକ ଢେଙ୍କାନାଳ ସହର ସିମିଳିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ, ଅନୁଗୋଳ, ଘଣ୍ଟିଖାଲ ଓ ନରାଜ ଆଦି ଅଞ୍ଚଳରୁ ପ୍ରାୟ ୧୫୦ ଜଣ ରେଳଯାତ୍ରୀ ଏଥିରେ ଯୋଗ ଦେଇଥିଲେ। ପ୍ରତିଦିନ ଚାଲୁଥିବା ଟ୍ରେନ୍ କିଭଳି ଠିକ୍ ସମୟରେ ଯାତାୟାତ କରିବ, ଢେଙ୍କାନାଳଠାରୁ ଭୁବନେଶ୍ୱରରୁ ଏକ ନୂତନ ଟ୍ରେନ୍ ଚଳାଇବା, ଅନୁଗୋଳଠାରେ ଏକ ୱାଶିଂଶେଡ୍ ନିର୍ମାଣ, ବିଶାଖା ଏକ୍ସପ୍ରେସ୍‌କୁ ଢେଙ୍କାନାଳ ପର୍ଯ୍ୟନ୍ତ ସମ୍ପ୍ରସାରଣ, ଅନୁଗୋଳରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ ଆଦି ଦାବି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଢେଙ୍କାନାଳ, ଅନୁଗୋଳ ଜିଲା ଶିଳ୍ପବହୁଳ ହୋଇଥିବାରୁ ଦକ୍ଷିଣ ଭାରତକୁ ଏହି ଅଞ୍ଚଳରୁ ଟ୍ରେନ୍ ଚଳାଚଳ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ସଭାପତି ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ବଦ୍ରି ନାରାୟଣ ମିଶ୍ର ଯୋଗଦେଇ ଭବିଷ୍ୟତ କାର୍ଯ୍ୟପନ୍ଥା ଓ ରେଳଯାତ୍ରୀଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁଗ୍ମ ସମ୍ପାଦକ ମନମୋହନ ମହାପାତ୍ର, ଉପଦେଷ୍ଟା ଶ୍ରୀପ୍ରକାଶ ମହାନ୍ତି ପ୍ରତ୍ୟହ ଟ୍ରେନ୍ ଯୋଗେ ଯାଉଥିବା ଯାତ୍ରୀମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ମ୍ୟାଜିକ୍ ଶୋ, ଅନ୍ତାକ୍ଷରୀ, ସଙ୍ଗୀତ, ଜୋକ୍ ଓ ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଢେଙ୍କାନାଳ-ଅନୁଗୋଳ ରେଳଯାତ୍ରୀ ସଂଘର ସାଧାରଣ ବୈଠକ।

